# NATIONAL NEWS BULLETIN (ODIA)

## 25th April - 2024

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଗାମୀକାଲି ଭୋଟ୍‌ଗ୍ରହଣ କରାଯିବ ।

— ଆସନ୍ତା ମାସ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷଦିନ ।

- ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ଗତକାଲି ୩ ମହିଳାଙ୍କ ସମେତ ୧୮ ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

- ଯୁକ୍ତରାଷ୍ଟ୍ର ଆମେରିକା' ୟୁକ୍ରେନ୍, ଇଜ୍ରାଏଲ୍ ଓ ତାଇୱାନ୍ ଲାଗି ୯୫ ବିଲିୟନ୍ ଆମେରିକୀୟ ଡଲାର୍‌ର ଏକ ସହାୟତା ପ୍ୟାକେଜ୍ ଘୋଷଣା କରିଛି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍‌ସ’ ଗୁଜୁରାଟ୍ ଟାଇଟନ୍‌ସକୁ ୪ ରନ୍‌ରେ ପରାସ୍ତ କରିଛି ।

## ଇଲେକ୍ସନ କ୍ୟାମ୍ପେନ୍

ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍‌ଗ୍ରହଣ କରାଯିବ । ଏଥିଲାଗି ଗତସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଆସନ୍ତାକାଲି କେରଳର ୨୦ଟି ସଂସଦୀୟ ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଁ ଆସନ ଲାଗି ଭୋଟ୍‌ଗ୍ରହଣ କରାଯିବ । ସେହିଭଳି ମଧ୍ୟପ୍ରଦେଶର ୬ଟି ସଂସଦୀୟ ଆସନ, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ, ମଣିପୁର, ତ୍ରିପୁରା ଏବଂ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ସଂସଦୀୟ ଆସନ ଲାଗି ଆସନ୍ତାକାଲି ମତଦାନ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ମତଦାତାମାନେ ଯେଭଳି ସୁରୁଖୁରୁରେ ତଥା ଶାନ୍ତିଶୃଙ୍ଖଳାର ସହ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିଲାଗି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର

ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କଡ଼ାକଡ଼ି କରାଯାଇଛି ।

ମଧ୍ୟପ୍ରଦେଶର ବେତୁଲ୍ ସଂସଦୀୟ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବି.ଏସ୍.ପି. ପ୍ରାର୍ଥୀଙ୍କର ପରଲୋକ ଯୋଗୁଁ ସେଠାରେ ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ ପରିବର୍ତ୍ତେ ତୃତୀୟ ପର୍ଯ୍ୟାୟରେ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୧ ହଜାର ୧୯୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ଆଉଟର୍ ମଣିପୁର ଲୋକସଭା ସଂସଦୀୟ କ୍ଷେତ୍ରର ୪ ଜଣ ପ୍ରାର୍ଥୀ ଅନ୍ତର୍ଭୁକ୍ତ ।

ଆଗାମୀ ମଇ ମାସ ୭ ତାରିଖରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ହେବ । ଏହି ପର୍ଯ୍ୟାୟରେ ୧ ହଜାର ୩୫୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେଥିମଧ୍ୟରେ ମଧ୍ୟପ୍ରଦେଶର ୨୯-ବେତୁଲ ସଂସଦୀୟ କ୍ଷେତ୍ରରେ ସ୍ଥଗିତ ନିର୍ବାଚନ ପାଇଁ ୮ଜଣ ପ୍ରାର୍ଥୀ ରହିଛନ୍ତି । ସେହିପରି ଗୁଜରାଟର ସୁରତ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସାମ, ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦାଦ୍ରା ନଗର ହାବେଳୀ ଓ ଡାମନ ଡିଉର ୯୫ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ ।

ଅନ୍ୟପକ୍ଷରେ ଆସନ୍ତା ମଇ ମାସ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷଦିନ । ଆସନ୍ତାକାଲି ନାମାଙ୍କନପତ୍ର ଯାଞ୍ଚ ହେବ । ଆସନ୍ତା ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜମ୍ମୁ-କଶ୍ମୀର ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ।

## ଆସାମ - ସେକେଣ୍ଡ ଫେଜ୍

ଦ୍ୱିତୀୟ  ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅବସରରେ ଦକ୍ଷିଣ ଓ କେନ୍ଦ୍ରୀୟ ଆସାମର ୫ଟି ଲୋକସଭା ଆସନ ଲାଗି ଆସନ୍ତାକାଲି ମତଦାନ ହେବ । ଏଥିଲାଗି କରିମଗଞ୍ଜ୍, ଦିମା ହାସାଓ ଏବଂ କର୍ବି ଆଙ୍ଗ୍‌ଲୋଙ୍ଗ୍ ଜିଲ୍ଲାଗୁଡ଼ିକର ଦୁର୍ଗମ ଅଞ୍ଚଳରେ ଥିବା ପୋଲିଂ ବୁଥ୍‌ଗୁଡ଼ିକରେ ପ୍ରିଜାଇଡିଂ ଓ ବୁଥ୍ ଅଧିକାରୀମାନଙ୍କ ସମେତ ସୁରକ୍ଷା କର୍ମଚାରୀମାନେ ଆବଶ୍ୟକ ଇ.ଭି.ଏମ୍. ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ସହ ଗତକାଲିଠାରୁ ପହଞ୍ଚିସାରିଛନ୍ତି । ତେବେ ଅନ୍ୟାନ୍ୟ ବୁଥ୍‌ରେ ପୋଲିଂ ଅଧିକାରୀ ଏବଂ ସୁରକ୍ଷା ବଳ ଆଜି

ପହଞ୍ଚିବେ ବୋଲି ଜଣାପଡ଼ିଛି । ଏହି ପର୍ଯ୍ୟାୟରେ ୭୭ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବା ସହିତ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ୬୧ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ପର୍ଯ୍ୟାୟରେ ଯେଉଁ ବିଶିଷ୍ଟ ନେତାଙ୍କର ରାଜନୈତିକ ଭାଗ୍ୟ ଆସନ୍ତାକାଲି ଇ.ଭି.ଏମ୍. ମଧ୍ୟରେ ବନ୍ଦ୍ ହୋଇ ରହିବ, ସେମାନଙ୍କ ମଧ୍ୟରେ ବି.ଜେ.ପି. ନେତା ତଥା ରାଜ୍ୟ ଗମନାଗମନ ଓ ଅବକାରୀ ମନ୍ତ୍ରୀ ପରିମଲ ଶୁକ୍ଳବୈଦ୍ୟ, ସାଂସଦ କ୍ରିପାନାଥ ମଲ୍ଲ ଓ ଦିଲୀପ ସାଇକିଆ, କଂଗ୍ରେସ ନେତା ହାଫିଜ୍ ବଶିର ଅହମ୍ମଦ ଚୌଧୁରୀ, ଏ.ଆଇ.ୟୁ.ଡି.ଏଫ୍.ର ଅମିନୁଲ୍ ଇସ୍‌ଲାମ୍, ବୋଡୋଲାଣ୍ଡ୍ ପିପୁଲ୍‌ସ୍ ଫ୍ରଣ୍ଟର ଦୁର୍ଗାଦାସ ବୋଡୋ ଏବଂ ତୃଣମୂଳ କଂଗ୍ରେସର ପ୍ରଦ୍ୟୁତ୍ ବର୍ଦ୍ଦୋଲୋଇ ଅନ୍ତର୍ଭୁକ୍ତ ।

## ପି.ଏମ୍. - ରୋଡ୍ ଶୋ' ଭୋପାଳ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତକାଲି ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି । ଏହି ଅବସରରେ ଭୋପାଳଠାରେ ଅନୁଷ୍ଠିତ ଏକ ରୋଡ୍ ଶୋ'ର ସେ ନେତୃତ୍ୱ ନେଇଥିଲେ । ଏକ ଖୋଲା ଜିପ୍‌ରେ ପ୍ରାୟ

ଏକ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ଅନୁଷ୍ଠିତ ଏହି ରୋଡ୍ ଶୋ'ରେ ଶ୍ରୀ ମୋଦିଙ୍କ ସହିତ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଉପସ୍ଥିତ ଥିଲେ । ଭୋପାଳରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବି.ଜେ.ପି. ପ୍ରାର୍ଥୀ ଆଲୋକ ଶର୍ମା ମଧ୍ୟ ଏହି ରୋଡ୍ ଶୋ'ରେ  ଅଂଶଗ୍ରହଣ କରିଥିଲେ । ଏହାପୂର୍ବରୁ ଶ୍ରୀ ମୋଦି ମଧ୍ୟପ୍ରଦେଶର ସାଗର ଓ ବେତୁଲ୍‌ଠାରେ ଅନୁଷ୍ଠିତ ଦୁଇଟି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ ।

## ଏମ୍.ପି. - କି କନ୍‌ଷ୍ଟିଚୁଏନ୍ସି

ଦେଶର ପ୍ରମୁଖ ଲୋକସଭା ନିର୍ବାଚନ ମଣ୍ଡଳି ମଧ୍ୟରେ ମଧ୍ୟପ୍ରଦେଶର ରାଜଗଡ଼ ଆସନ ଅନ୍ୟତମ । ଏ ସମ୍ପର୍କରେ ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ନେୱାଜ୍ ଓ କାଲି ସିନ୍ଧ୍ ନଦୀତଟରେ ଅବସ୍ଥିତ ଏହି ଲୋକସଭା ଆସନଟି ମଧ୍ୟପ୍ରଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଆସନ । ଏହି ଆସନ ଲାଗି ଚଳିତ ନିର୍ବାଚନରେ ବି.ଜେ.ପି.ର ବର୍ତ୍ତମାନର ସାଂସଦ ରୋଡମାଲ୍ ନାଗର ଓ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂହଙ୍କ ସମେତ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମୋଟ ୧୮ ଲକ୍ଷ ଅଣସ୍ତରି ହଜାର ମତଦାତା ୨ ହଜାର ୨୩୬ଟି ବୁଥ୍‌ରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ରାଜଗଡ଼ ସଂସଦୀୟ ଆସନ ଅଧୀନରେ ୩ଟି ଜିଲ୍ଲାର ୮ଟି ବିଧାନସଭା

ମଣ୍ଡଳି ରହିଛି । ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଏହି ଆସନରୁ ବି.ଜେ.ପି. ପ୍ରାର୍ଥୀ ରୋଡ୍‌ମାଲ୍ ନାଗର ବିଜୟୀ ହୋଇଥିଲେ ।

## ଛତିଶଗଡ଼ - ମାଓଇଷ୍ଟ ସରେଣ୍ଡର୍

ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ଗତକାଲି ୧୮ ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଓ ଜଣେ ମିଲିସିଆ ପ୍ଲାଟୁନ୍ କମାଣ୍ଡର ଅନ୍ତର୍ଭୁକ୍ତ । ଲୋନେ ବରାତୁ ଅଭିଯାନ ଅଧୀନରେ ଏହି ମାଓବାଦୀମାନେ ପୁଲିସ୍ ଡି.ଆଇ.ଜି. କମଳଲୋଚନ କାଶ୍ୟପ ଏବଂ ଏସ୍.ପି. ଗୌରବ ରାୟଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିଲେ । ଏହି ଅବସରରେ ଏସ୍.ପି. ଶ୍ରୀ ରାୟ ଗଣମାଧ୍ୟମକୁ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଛତିଶଗଡ଼ ସରକାରଙ୍କର ପୁନର୍ବାସ ଯୋଜନା ଅଧୀନରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହାଛଡ଼ା ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯିବ ବୋଲି ଶ୍ରୀ ରାୟ କହିଛନ୍ତି ।

## ୟୁ.ଏସ୍. - ଏଡ୍ ପ୍ୟାକେଜ୍

ଯୁକ୍ତରାଷ୍ଟ୍ର ଆମେରିକା’ ୟୁକ୍ରେନ୍, ଇଜ୍ରାଏଲ୍ ଓ ତାଇଓ୍ୱାନ୍ ଲାଗି ୯୫ ବିଲିୟନ୍ ଆମେରିକୀୟ ଡଲାର୍‌ର ଏକ ସହାୟତା ପ୍ୟାକେଜ୍ ଘୋଷଣା କରିଛି । ରାଷ୍ଟ୍ରପତି ଜୋ ବାଇଡେନ୍ ଗତକାଲି ଏ ସମ୍ପର୍କିତ ଏକ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି । ଏହି ବିଲ୍‌ରେ ସ୍ୱାକ୍ଷର କରିବା ପରେ ହ୍ୱାଇଟ୍ ହାଉସ୍‌ରେ ଗଣମାଧ୍ୟମକୁ ରାଷ୍ଟ୍ରପତି ଶ୍ରୀ ବାଇଡେନ୍ କହିଛନ୍ତି, ଏହି ଦିନଟି ଆମେରିକା, ୟୁକ୍ରେନ୍ ତଥା ସମଗ୍ର ବିଶ୍ୱଶାନ୍ତି ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ । ଏହି ମୋଟ୍ ପ୍ୟାକେଜ୍ ମଧ୍ୟରୁ ୬୧ ବିଲିୟନ୍ ଡଲାର ୟୁକ୍ରେନ୍ ଓ ୨୬ ବିଲିୟନ୍ ଡଲାର ଇଜ୍ରାଏଲ୍ ଲାଗି ଉଦ୍ଦିଷ୍ଟ । ଆମେରିକା ସିନେଟ୍‌ରେ ଅନେକ ତର୍କବିତର୍କ ପରେ ଏହି ବିଲ୍‌ଟି ଆଗତ ହୋଇଛି । ଏହାର ସପକ୍ଷରେ ଅଣାଅଶୀଟି ଭୋଟ୍ ପଡ଼ିଥିବାବେଳେ ୧୮ଟି ଭୋଟ୍ ବିପକ୍ଷରେ ପଡ଼ିଥିଲା ।

## କେନିଆ - ଫ୍ଲଡ୍

କେନିଆର ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୩୮କୁ ବୃଦ୍ଧି ପାଇଛି । ଏହାଛଡ଼ା ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି କେନିଆ ରେଡ୍‌କ୍ରସ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା

ଦିଆଯାଇଛି ।  ବନ୍ୟାର ପ୍ରଭାବରେ କେନିଆର ରାଜଧାନୀ ନାଇରୋବିକୁ ସଂଯୋଗ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସହରକୁ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଏଥିସହିତ ସ୍ଥାନୀୟ ଦୁଇଟି ପ୍ରମୁଖ ଜାତୀୟ ରାଜପଥରେ ମଧ୍ୟ ବନ୍ୟାଜଳ ଯୋଗୁଁ ଯାତାୟତ କରିବାରେ ଅସୁବିଧା ସୃଷ୍ଟି ହୋଇଛି । ସେହିଭଳି ଦେଶବ୍ୟାପୀ କମ୍ୟୁଟର ଟ୍ରେନ୍ ସେବାକୁ ବାତିଲ୍ କରାଯାଇଛି । ଏଠାରେ ସୂଚନା ଦିଆଯାଇପାରେ, ଗତମାସ ମଧ୍ୟଭାଗରେ ଏହି ଆଫ୍ରିକୀୟ ଦେଶରେ ଅତି ପ୍ରବଳ ବର୍ଷା ହେବା ଫଳରେ ଏହି ବନ୍ୟା ଦେଖାଦେଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ’ ଗୁଜୁରାଟ୍ ଟାଇଟନ୍‌ସକୁ ୪ ରନ୍‌ରେ ପରାସ୍ତ କରିଛି । ଗୁଜୁରାଟ୍ ଟାଇଟନ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଦିଲ୍ଲୀ କ୍ୟାପିଟାଲ୍‌ସ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୪ ରନ୍ କରିଥିଲା । ଅଧିନାୟକ ରିଷଭ୍ ପନ୍ଥ ୪୩ଟି ବଲ୍‌ରୁ ୮୮ ରନ୍ କରି ଅପରାଜିତ ଥିଲେ । ସେହିଭଳି ଅକ୍ସର ପଟେଲ୍ ମଧ୍ୟ ୪୩ଟି ବଲ୍‌ରୁ ୬୬ ରନ୍ ସଂଗ୍ରହ କରିଥିଲେ । ଗୁଜୁରାଟ୍ ଟାଇଟନ୍ସ ପକ୍ଷରୁ ସନ୍ଦୀପ୍ ୱାରିୟର୍ ୩ଟି

ୱିକେଟ୍ ଅକ୍ତିଆର କରିଥିଲେ । ୨୨୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜୁରାଟ୍ ଟାଇଟନ୍ସ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୨୨୦ ରନ୍ କରିପାରିଥିଲା । ଗୁଜୁରାଟ୍ ପକ୍ଷରୁ ସାଇ ସୁଦର୍ଶନ ୨୯ଟି ବଲ୍‌ରୁ ୬୫ ରନ୍ ସଂଗ୍ରହ କରିଥିଲେ ।

ଆଜି ହାଇଦ୍ରାବାଦର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

## ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନସିପ

ଦୁବାଇଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଏସୀୟ ଆଥଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ଜାଭେଲିନ୍ ଥ୍ରୋ ବର୍ଗରେ ଭାରତର ଦୀପାଂଶୁ ଶର୍ମା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହାଛଡ଼ା ଏହି ଚାମ୍ପିୟନସିପ୍‌ର ପ୍ରଥମ ଦିନରେ ଅନ୍ୟ ୩ ଜଣ ଭାରତୀୟ ଖେଳାଳି ରୌପ୍ୟ ପଦକ ହାସଲ କରିଛନ୍ତି । ଜାଭେଲିନ୍ ଥ୍ରୋରେ ଭାରତର ରୋହନ ଯାଦବ, ପୁରୁଷ ୧୫ ଶହ ମିଟର ବର୍ଗରେ ପ୍ରିୟାଂଶୁ ଏବଂ ପୁରୁଷ ଡିସ୍‌କସ୍ ଥ୍ରୋ ବର୍ଗରେ ରିତି ରାଠି ରୌପ୍ୟପଦକମାନ ଜିତିଛନ୍ତି । ଏହି ଚାମ୍ପିୟନ୍‌ସିପ୍‌ରେ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଆଗାମୀ ଅଗଷ୍ଟ ମାସରେ ପେରୁର ଲିମାଠାରେ

ଅନୁଷ୍ଠିତ ହେବାକୁ ଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ ଚାମ୍ପିୟନ୍‌ସିପ୍ ଅଂଶଗ୍ରହଣ କରିବାପାଇଁ ସୁଯୋଗ ପାଇବେ ।

*****